ପ୍ରେସ୍ ନୋଟ୍

# ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି ପ୍ରତିଯୋଗିତା ଅନୁଷ୍ଠିତ ।

ଅନୁଗୋଳ, ତା.୨୯.୦୯:- ଜିଲ୍ଲାର କଳାକାର ମାନଂକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ପୂର୍ବାହ୍ନରେ ସ୍ଥାନୀୟ ପୌରପାଳିକା ଟାଉନ୍ ହଲ୍ ଠାରେ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଲୋକକଳା ସଂଘ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଅନୁଗୋଳ ଜିଲ୍ଲା ସଂସ୍କୃତି ପରିଷଦ ମିଳିତ ଆନୁକୁଲ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଆଠଟି ବ୍ଲକ୍ ,ପୌରପାଳିକା ଓ ବିଜ୍ଞାପିତ ଅଂଚଳ ପରିଷଦ ମାନଂକରୁ ସର୍ବମୋଟ ୧୧ ଗୋଟି ଲୋକକଳା ଦଳ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରିଣୀ ଶ୍ରୀମତୀ ସରିତା ପ୍ରଧାନ ଏହି ଲୋକକଳା ଟ୍ରଫି ପ୍ରତିଯୋଗିତାକୁ ପ୍ରଦୀପ ପ୍ରଜ୍ବଳନ କରି ଉଦଘାଟନ କରିଥିଲେ । ଆଠଗୋଟି ବ୍ଲକ୍ କଳା ସଂସ୍କୃତି ସଂଘର ଉପ-ସଭାପତି ମାନେ ଯୋଗଦାନ କରିଥିଲେ । ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ଉଦଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଂଶଗ୍ରହଣ କରିଥିବା ଦଳମାନଂକୁ ସ୍ମାରକ ଟ୍ରଫି ପ୍ରଦାନ କରିବା ସହ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳମାନଂକୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ କିଶୋରନଗର ବ୍ଲକର ଶ୍ରୀ ଜଗତ ମୋହନ ମିଶ୍ର ଓ ସାଥି ପାଲା ଦଳ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ କଣିହାଁ ବ୍ଲକ ଅନ୍ତର୍ଗତ ଖିଣ୍ଡୋ ଗ୍ରାମର ଗ୍ରାମ ଦେବତି ଘଣ୍ଟ ବାଦ୍ୟ ଦ୍ୱିତୀୟ ସ୍ଥାନ ଓ ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦର ବାବା ଧବଳେଶ୍ୱର ଦଣ୍ଡନୃତ୍ୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସୂଚନା ଯୋଗ୍ୟ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶ୍ରୀ ଜଗତ ମୋହନ ମିଶ୍ର ଓ ସାଥି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ବିଚାରକମାନଂକ ଦ୍ୱାରା ମନୋନୀତ ହୋଇଛନ୍ତି । ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାକୁ ସୂଚାରୁରୁପେ ପରିଚାଳନା କରିବା ପାଇଁ କଣିହାଁ ବ୍ଲକର ଉପ-ସଭାପତି ଶ୍ରୀ ନବଘନ ସାମଲ, ପାଲଲହଡା ବ୍ଲକ୍ ଉପ-ସଭାପତି ଶ୍ରୀ ଧ୍ରୁବ ଚରଣ ସାହୁ, ଛେଣ୍ଡିପଦା ବ୍ଲକର ଉପ-ସଭାପତି ଶ୍ରୀ ହରମୋହନ ସାହୁ ,ଅନୁଗୋଳ ବ୍ଲକ୍ ଉପ-ସଭାପତି ଶ୍ରୀ ସୁରେଶ କୁମାର ସାହୁ ସହଯୋଗ କରିଥିଲେ । ସେହିପରି ଏହି ପ୍ରତିଯୋଗିତାର ବିଚାରକ ଭାବରେ ଶ୍ରୀ ରଂଜନ କୁମାର ବେହେରା, ଶ୍ରୀ ବୈରାଗୀ ମଲ୍ଲିକ, ଶ୍ରୀ ସତ୍ୟବାନ ବେହେରା, ଗୁରୁ ସୁଶ୍ରୀ ଅନିତା ସିଂଦେଓ, ଓ ଗୁରୁ ଶ୍ରୀମତୀ ସ୍ୱପ୍ନାରାଣୀ ସିହ୍ନା ଦାୟିତ୍ୱ ନିର୍ବାହ କରିଥିଲେ । ଶେଷରେ କଣିହାଁ ବ୍ଲକ୍ ଉପ-ସଭାପତି ଶ୍ରୀ ନବଘନ ସାମଲ ସମସ୍ତଂକୁ ଧନ୍ୟବାଦ ଅର୍ପଣ କରିଥିଲେ ।


unicef
for every child
ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି- ୨୦୨୧